ସୂର୍ଯ୍ୟମନ୍ଦିର ବେଢ଼ାରେ ଅବହେଳିତ ଅବସ୍ଥାରେ କୀର୍ତ୍ତିରାଜି

କୋଣାର୍କ(ଅମୃତ ମିଡିଆ): ବିଶ୍ୱଐତିହ୍ୟ ସୂର୍ଯ୍ୟ ମନ୍ଦିର ବେଢ଼ା ଚତୁର୍ଦ୍ଦିଗରେ ସଂରକ୍ଷଣ ଅଭାବରୁ ବିଛୁରିତ ଅବସ୍ଥାରେ ପଡି ରହିଥିବା କୀର୍ତ୍ତିରାଜି ଓ କଳାକୃତି ସଂପନ୍ନ ପ୍ରସ୍ତର ଖଣ୍ଡ ପୋତିହୋଇ ଗଛଲତା ମାଡ଼ି ଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ସୂର୍ଯ୍ୟମନ୍ଦିର ନିଜର ପ୍ରାଚୀନ କଳାକୃତି, କୀର୍ତ୍ତିରାଜି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ନିମନ୍ତେ ବିଶ୍ୱର କୋଣାନୁକୋଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏଠାକୁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶ ବିଦେଶରୁ ଆସି ସୂର୍ଯ୍ୟମନ୍ଦିରର ପରିଦର୍ଶନ କରିଥାନ୍ତି। ଏହି ଐତିହ୍ୟସଂପନ୍ନ ସୂର୍ଯ୍ୟମନ୍ଦିର ଚାରିପଟେ ଦୀର୍ଘ ଦିନ ଧରି କୀର୍ତ୍ତିରାଜି ଓ କଳାକୃତି ସମ୍ପନ୍ନ ମୂଲ୍ୟବାନ ପ୍ରସ୍ତର ଖଣ୍ଡ ଏଣେତେଣେ ପଡ଼ିରହିଛି। ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଏଏସଆଇ କର୍ତ୍ତୃପକ୍ଷଙ୍କ ଐତିହ୍ୟ ମାରଣନୀତି ଓ ସଂସ୍କୃତି ବିରୋଧୀ ଦିଶାହୀନ ମନୋମୁଖୀ ଯୋଗୁ ମନ୍ଦିର ଚାରିପଟେ ପଡ଼ି ରହିଥିବା ଐତିହ୍ୟ ଓ କୀର୍ତ୍ତିରାଜି ସମ୍ପନ୍ନ ପଥର ଖଣ୍ଡ ପୋତିହେବାରେ ଲାଗିଛି। ଏହି ପଥର ଖଣ୍ଡ ପୋତି ହୋଇଯିବାରୁ ଓ ସଂରକ୍ଷଣ ଅଭାବରୁ ପୋତି ହୋଇଗଲାଣି ପ୍ରସ୍ତର ଖଣ୍ଡ – ମାଡ଼ିଗଲାଣି ଗଛଲତା, ସଂରକ୍ଷଣ ପାଇଁ ଦାବି ଏହା ଉପରେ ଗଛ ଲତା ମାଡ଼ି ହିଂସ୍ରଜନ୍ତୁ ଓ ସାପମାନଙ୍କର ଚରାଭୂଇଁ ପାଲଟିଛି। ଫଳରେ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସି ମନ୍ଦିର ବେଢାରେ ବିଶ୍ରାମ ନେଉଥିବା ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂର୍ଯ୍ୟ ମନ୍ଦିର ଚାରିପଟେ ବିଛୁରିତ ଅବସ୍ଥାରେ ପଡ଼ି ରହିଥିବା ଐତିହ୍ୟ, କୀର୍ତ୍ତିରାଜି ଓ କଳାକୃତି ସମ୍ପନ୍ନ ପଥର ଖଣ୍ଡକୁ ଏଏସଆଇ ପକ୍ଷରୁ ସଂଗ୍ରହ କରାଯାଇ ସଂରକ୍ଷିତ ରଖୁବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି ହେଉଛି।

ବିଜୁ ଜନତାଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ ||||||||||||||||||||

ନାରୀ ସୁରକ୍ଷା ପାଇଁ ସରକାର ଅପାରଗ - ସ୍ନେହାଙ୍ଗିନୀ

ପିପିଲି(ଅମୃତ ମିଡିଆ): ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ପକ୍ଷରୁ ନାରୀ ଅଧିକାର ଅଭିଯାନ ସଭା ବିଜୁ ଜନତାଦଳ କାର୍ଯ୍ୟାଳୟ ପିପିଲି ଠାରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମକୁ ମହିଳା ବିଜେଡି ସଭାନେତ୍ରୀ ଜୋସ୍ନାରାଣି ପୃଷ୍ଟି ସଭା ପରିଚଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରାଜ୍ୟ ବିଜୁ ଜନତାଦଳ ମହିଳା ସଭାପତି ସ୍ନେହାଙ୍ଗିନି ଛୁରିଆ , ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପିକା ଡଃ ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ। ମୋହନ ସରକାର ମହିଳାଙ୍କ ମାନଙ୍କ ପ୍ରତି ବୈମାତୃକ ମନୋଭାବ ରଖୁଛି ବୋଲି ଅଭିଯୋଗ ଆଣି ନାରାବାଜି ଓ ସ୍ଲୋଗାନ ଦେଇଥିଲେ। ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ପାସ ହୋଇଥିବା ବେଳେ କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ୍ ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ନାରୀ ମାନଙ୍କୁ ଆଗକୁ ଆସିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସର୍ବାଗ୍ରେ ରହିବ। ଏହି ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ବିଜେଡି ପକ୍ଷରୁ ଏଭଳି ନାରୀ ଅଧିକାର ଯାତ୍ରା କରାଯାଉଛି ଏବଂ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା ଦେଇଛି ବୋଲି ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରାଯାଇ ୩୩ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରାଯାଉ । ଓଡିଶା ବିଜେପି ସରକାର ଆସିବା ଠାରୁ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢି ଚାଲିଥିବା ମାଟି, ବାଲି, ମୋରମ, ମାଙ୍କଡାପଥର ଚୋରାଚାଲଣ ଦିନକୁ ଦିନ ବୃଦ୍ଧି ପାଉଛି। ଗତ ୩ମାସ ହେବ ଭତ୍ତା ନଦେବା ଠାରୁ ଆରମ୍ଭ କରି ଉନ୍ନତୀ ମୂଳକ କାର୍ଯ୍ୟ ରାଜ୍ୟରେ ପୁରା ଠପ ହୋଇଯାଇଛି। ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ମହିଳା ହିଂସା ନାରୀ ନିର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ନେଇ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ଉଦ୍ଦେଶ୍ୟରେ ମହିଳା ବିଜୁ ଜନତାଦଳ ପକ୍ଷରୁ ପିପିଲି ତହସିଲଦାର ଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ନାରୀ ଅଧିକାର ଅଭିଯାନ ସଂଯୋଜିକା କସ୍ତୁରୀ ମହାପାତ୍ର, ସାଧାରଣ ସମ୍ପାଦିକା ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ , ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀ ସ୍ୱାଇଁ , ସ୍ନେହାଞ୍ଜଳି ମହାନ୍ତି, ତିଳତମା ଚୌଧୁରୀ, ଇଲ୍ଲା ସ୍ୱାଇଁ ,ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନ ନନ୍ଦ, ପିପିଲି ଏନଏସିର ଉପାଧକ୍ଷ ଭାଗ୍ୟବତୀ ମହାରଣା, ମମତା ମଲ୍ଲିକ ଙ୍କ ସମେତ ପିପିଲି-ଡେଲାଙ୍ଗ ଓ ପିପିଲି ଏନଏସି ପକ୍ଷରୁ ହଜାର ହଜାର ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଶଯ୍ୟାଶାୟୀ ଭିନ୍ନକ୍ଷମ ପଦ୍ମାବତୀଙ୍କୁ ମିଳୁନି ଭତ୍ତା



ପିପିଲି (ଅମୃତ ମିଡିଆ): ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ଥିବାବେଳେ ଜଣେ ଶଯ୍ୟାଶାୟୀ ମହିଳା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ମହିଳା ଜଣକ ଦୀର୍ଘ ୭ବର୍ଷ ହେଲା ବିଛଣାରେ ପଡ଼ି ରହିଥିଲେ ମଧ୍ୟ ମେଡିକାଲ୍ ବୋର୍ଡ ତାଙ୍କୁ ୩୦ ପ୍ରତିଶତ ଭିନ୍ନକ୍ଷମତା ପ୍ରମାଣପତ୍ର ଦେଇଛି। ଫଳରେ ସରକାରୀ ଭତ୍ତା ପାଇବା ପାଇଁ ଆବଶ୍ୟକ ୪୦ ପ୍ରତିଶତ ମାନଦଣ୍ଡ ପୂରଣ ହେଉନାହିଁ କି ଭତ୍ତା ପାଇପାରୁ ନାହାନ୍ତି। ଭିନ୍ନକ୍ଷମ ଜଣକ ପୁରୀ ଜିଲା ପିପିଲି ବ୍ଲକ ଭଳିଆବିଲି । ଗ୍ରାମର ପଦ୍ମାବତୀ ପରିଡ଼ା(୫୦)। ବିଛଣା ହିଁ ଏବେ ଜୀବନର ଏକମାତ୍ର ଭରସା। ଦୈନନ୍ଦିନ କାର୍ଯ୍ୟ ପାଇଁ ପରିବାର ସଦସ୍ୟଙ୍କ ଉପରେ ନିର୍ଭରଶୀଳ। ଚାଲିବା ତ ଦୂରର କଥା, ନିଜ କାମ ନିଜେ କରିବା ମଧ୍ୟ ସମ୍ଭବ ହେଉନାହିଁ। ତଥାପି ସରକାରୀ ଭତ୍ତା ପାଇବାରେ ବାଧକ ସାଜିଛି ଭିନ୍ନକ୍ଷମତାର ପ୍ରତିଶତ। ଚିକିତ୍ସା ପାଇଁ ଅନେକ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ଆସିପାରି ନାହିଁ। ସ୍ୱାମୀ ବ୍ରଜ ପରିଡ଼ା ଜଣେ ଦିନ ମଜୁରିଆ। ପରିବାର କହିଲେ ପୁଅ ଝିଅ ଓ ବୁଢ଼ା ବାପାଙ୍କୁ ମିଶାଇ ୫ ଜଣ। ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସରକାରୀ ଭାବେ କେବଳ ପଦ୍ମାବତୀଙ୍କୁ ହୁଇଲ୍ ଚେୟାର ଯୋଗାଇ ଦିଆଯାଇଛି। ପ୍ରଶ୍ନ ଉଠୁଛି, ଜଣେ ଶଯ୍ୟାଶାୟୀ ବ୍ୟକ୍ତି ଯଦି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୁଅନ୍ତି, ତେବେ କଲ୍ୟାଣକାରୀ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ କେତେଦୂର ସଫଳ ହେଉଛି। ଆର୍ଥିକ ଅନଟନ ମଧ୍ୟରେ ଚିକିତ୍ସା ଓ ଦୈନନ୍ଦିନ ଖର୍ଚ୍ଚ ବହନ କରିବା ପରିବାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। କେବଳ ଏତିକି ନୁହେଁ, ସାଧାରଣ ଖାଉଟି କାର୍ଡରୁ ବଞ୍ଚିତ ଅଛି ପରିବାର। ପଦ୍ମାବତୀଙ୍କ ଶ୍ୱଶୁର ବଳରାମ ପରିଡ଼ାଙ୍କୁ ୮୪ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ସରକାରଙ୍କଠାରୁ ମିଳୁଥିବା ୩୫୦୦ ଟଙ୍କା ପରିବର୍ତ୍ତେ ତାଙ୍କୁ ଏକ ହଜାର ଟଙ୍କା ମିଳୁଛି। ଏଭଳି ମାମଲାରେ ମାନବିକ ଦୃଷ୍ଟିକୋଣରୁ ପୁନଃ ବିଚାର କରି ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଦାବି ହେଉଛି। ଏନେଇ ପିପିଲି ବିଡିଓ ସରୋଜ କୁମାର ରାଉତରାୟ କହିଛନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘଟଣାର ଅନୁଧ୍ୟାନ କରି ପରିବାରକୁ ତୁରନ୍ତ ଖାଉଟି କାର୍ଡ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଦ୍ମାବତୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର କିଭଳି ପରିବର୍ତ୍ତନ କରାଯାଇ ଭତ୍ତା ମିଳିପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ।

ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଯୋଗଦାନ

ଗୋପ(ଅମୃତ ମିଡିଆ): ଦୀର୍ଘ ଦିନ ପରେ ଗୋପ ବ୍ଲକ ଅନ୍ତର୍ଗତ ଡଭାର ପଞ୍ଚାୟତର ଓଲଣ୍ଡି ସ୍ଥିତ ଉତ୍କଳମଣି ଗୋପବନ୍ଧୁ ନୋଡାଲ ସ୍କୁଲରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ବୈଶାଳିନୀ ମହାପାତ୍ର ଯୋଗ ଦେଇଛନ୍ତି। ଉତ୍କଳମଣି ବାତ୍ୟା ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀ ଭାବେ ପରିଗଣିତ ହେଉଥିବା ଏହି ସ୍କୁଲରେ ଦୀର୍ଘ ଦିନ ଧରି ଉକ୍ତ ପଦବୀଟି ଖାଲି ପଡ଼ିଥିବା ବେଳେ ମୁଁ ପ୍ରଥମେ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା ସହିତ ସ୍କୁଲର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବି ବୋଲି କହିଛନ୍ତି। ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କେତେକ ପୁରାତନ ଛାତ୍ରୀଛାତ୍ର ଓ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସ୍କୁଲ ପରିସରରେ ଥିବା ବିପଦପୂର୍ଣ୍ଣ ଆଶ୍ରୟସ୍ଥଳରେ ଶିକ୍ଷାଦାନ କରାଯାଉଛି। ଏପରିକି ଭଙ୍ଗାରୁଜା ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଥିବାରୁ ତୁରନ୍ତ ସରକାର ଏହା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି ।

ହ୍ୟୁମାନିଟି ଫାଉଣ୍ଡେସନ ଆଶ୍ରମରେ ରଜ ଉତ୍ସବ

ରାଉରକେଲା(ଅମୃତ ମିଡିଆ): ସାମାଜିକ ଅନୁଷ୍ଠାନ ହ୍ୟୁମାନିଟି ଫାଉଣ୍ଡେସନ ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନ ଠାରେ ରଜ ଉତ୍ସବ ପାଳନ କରିଛି । ଫାଉଣ୍ଡେସନର ପ୍ରତିଷ୍ଠାତା ବିଜୟ ସୁନ୍ଦରାୟଙ୍କ ଆବାହକତ୍ୱ ଅଧକ୍ଷା ଦିପ୍ତୀ ସୁନ୍ଦରାୟ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅନ୍ତେବାସୀ ମାନଙ୍କ ମଧ୍ୟରେ ଉପମା, ଘୁଗୁନି, ମିଠା, କେକ୍ କାଟି ଖାଇବାକୁ ଦେବା ସହ ସମସ୍ତଙ୍କ ଅଳତା, ଟିକିଲି, କଲମ ଓ ଅନ୍ୟାନ୍ୟ ଉପହାର ପ୍ରଦାନ କରିଥିଲେ । ସେହିପରି ଅନୁଷ୍ଠାନର ଦୁଇଜଣ ସଦସ୍ୟା ଶୁଭଲକ୍ଷ୍ମୀ ପାତ୍ର ଓ ପ୍ରିୟଙ୍କା ପାଣିଙ୍କ ଜନ୍ମ ଦିବସ ପାଳନ କରାଯାଇ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରତିଷ୍ଠାନର ପରିଚାଳିକା ହେମନ୍ତା ତାଣ୍ଡିଆଙ୍କ ଉପସ୍ଥିତିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସମ୍ପାଦିକା ଲୀନା ତ୍ରିପାଠୀ, ଶୁଭଲକ୍ଷ୍ମୀ ପାତ୍ର, ପ୍ରିୟଙ୍କା ପାଣି, ଲିପ୍ସା ମହାରଣା, କବିତା ଦଳାଇ, ଶର୍ମିଳା ଦୀପ, ଅମ୍ରିତ କୌର, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଗୀତାରାଣୀ ଆଚାର୍ଯ୍ୟ, ସ୍ନିଗ୍ଧା ପୁହାଣ, ସୁମିତ୍ରା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧକ୍ଷା ଶ୍ରୀମତୀ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ

ଅସ୍ତରଙ୍ଗର 'ଜୀବନଦାତା' ପିଙ୍କନ ପରିଡା

୧୦୦ରୁ ଅଧିକଥର ରକ୍ତଦାନରେ ମାଇଲଖୁଣ୍ଟ ଅତିକ୍ରମ

କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ): :ଆଜି ବିଶ୍ୱ ରକ୍ତଦାତା ଦିବସ । 'ରକ୍ତ ଦିଅ, ଜୀବନ ବଞ୍ଚାଅ' ବାର୍ତ୍ତା ନେଇ ସାରା ବିଶ୍ୱରେ ପାଳିତ ହେଉଛି ଏହି ଦିବସ । ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ଆସିଛି ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ । ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଣ୍ଡୁକି ପଞ୍ଚାୟତ ଅଧୀନ ଚକ୍ରପଡା ଗ୍ରାମର ପିଙ୍କନ ପରିଡା ଦୀର୍ଘ ବର୍ଷ ଧରି ନିରନ୍ତର ରକ୍ତଦାନ କରି ୧୦୦ରୁ ଅଧିକ ଥର ରକ୍ତଦାନର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । କେବଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନୁହେଁ, ଯେତେବେଳେ ବି କାହାର ଜରୁରୀ ରକ୍ତ ଆବଶ୍ୟକ ହୁଏ, ଗୋଟିଏ ଫୋନ୍ କଲରେ ପିଙ୍କନ ମେଡିକାଲରେ ପହଞ୍ଚି ଯାଆନ୍ତି । ରାତି ହେଉ କି ଦିନ, ବର୍ଷା ହେଉ କି ଖରା, ପିଙ୍କନଙ୍କ ପାଇଁ ମାନବ ସେବା ହିଁ ସବୁଠାରୁ ବଡ । ତାଙ୍କ ଏହି ନିସ୍ୱାର୍ଥ ସେବା ଯୋଗୁଁ ଅସ୍ତରଙ୍ଗ, କାକଟପୁର, ନିମାପଡା, ଏପରିକି ପୁରୀ ଓ କଟକ,ଭୁବନେଶ୍ୱର ମେଡିକାଲରେ ଅନେକ ରୋଗୀଙ୍କ ଜୀବନ ବଞ୍ଚିଛି । ପିଙ୍କନ ପରିଡା କୁହନ୍ତି, "ରକ୍ତଦାନ ମହତ ଦାନ। ମୋ ଶରୀରରେ ରକ୍ତ ଥିବା ଯାଏଁ ମୁଁ ଦାନ କରିଚାଲିବି । ମୋର ଗୋଟିଏ ୟୁନିଟ୍ ରକ୍ତରେ ଯଦି କାହାର ଜୀବନ ବଞ୍ଚେ, ତା'ଠାରୁ ବଡ ଖୁସି ଆଉ କ'ଣ ହୋଇପାରେ ? ସମସ୍ତେ ନିୟମିତ ରକ୍ତଦାନ କରନ୍ତୁ ।"ପିଙ୍କନଙ୍କ ଏହି ମହାନ କାର୍ଯ୍ୟ ପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟୁଛି । ବିଶ୍ୱ ରକ୍ତଦାତା ଦିବସ ପୂର୍ବରୁ ମାଣ୍ଡୁକି ପଞ୍ଚାୟତର ସରପଞ୍ଚ ରୋଜିନା ଜେନା ଓ ଅସ୍ତରଙ୍ଗ ମଣ୍ଡଳ ୧ ବିଜେପି ସଭାପତି ଶ୍ରୀଯୁକ୍ତ ଇନ୍ଦ୍ରମଣୀ ଜେନା ପିଙ୍କନଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ସରପଞ୍ଚ ରୋଜିନା ଜେନା କହିଛନ୍ତି, "ପିଙ୍କନ ଭାଇ ଆମ ପଞ୍ଚାୟତ ପାଇଁ ନୁହଁନ୍ତି, ସମଗ୍ର ଅସ୍ତରଙ୍ଗ ବ୍ଲକ ପାଇଁ ଗର୍ବ। ତାଙ୍କ ପରି ଲୋକଙ୍କ ପାଇଁ ସମାଜ ଆଜି ବି ବଞ୍ଚିଛି । ଯୁବପିଢି ତାଙ୍କଠାରୁ ପ୍ରେରଣା ନିଅନ୍ତୁ।" ବିଜେପି ୧ନମ୍ବର ମଣ୍ଡଳ ସଭାପତି ଇନ୍ଦ୍ରମଣୀ ଜେନା କହିଛନ୍ତି, "୧୦୦ରୁ ଅଧିକ ଥର ରକ୍ତଦାନ ସାମାନ୍ୟ କଥା ନୁହେଁ। ପିଙ୍କନ ପରିଡା ଜଣେ ପ୍ରକୃତ 'ରକ୍ତବୀର'। ସରକାର ତାଙ୍କୁ ରାଜ୍ୟସ୍ତର ଓ ଜିଲ୍ଲାସ୍ତରରେ ସମ୍ମାନିତ କରିବା ଉଚିତ ।"ବିଶ୍ୱ ରକ୍ତଦାତା ଦିବସରେ ଆସନ୍ତୁ ସଂକଳ୍ପ ନେବା – "ରକ୍ତଦାନ କରିବା, ଜୀବନ ବଞ୍ଚାଇବା"।

ଡବଲ ଇଞ୍ଜିନ ସରକାରର ୨ବର୍ଷ ପୂରଣ

- ଅସ୍ତରଙ୍ଗରେ ଭରସା ବଦଳରେ ନୈରାଶ୍ୟ
- ପଞ୍ଚାୟତ ନିର୍ବାଚନରେ ପଡିବ କି ପ୍ରଭାବ ?

ଅସ୍ତରଙ୍ଗ (ଅମୃତ ମିଡିଆ): ନୂତନ ସରକାରକୁ ଦୁଇ ବର୍ଷ ପୂରଣ । ରାଜଧାନୀରେ ବିଜୟୋତ୍ସବ । କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । 'ପରିବର୍ତ୍ତନ' ଆଶାରେ ଭୋଟ ଦେଇଥିବା ଅସ୍ତରଙ୍ଗ ବାସୀଙ୍କ ପାଇଁ ଆଜି ବି 'ଯଥା ପୂର୍ବଂ ତଥା ପରଂ'। କୃଷି ପ୍ରଧାନ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବେଗୁନିଆବସ୍ତ, ନଇଁଗୁଆଁ, ଖଣ୍ଡାସାହି, ଝରିଆ ଅଞ୍ଚଳ ଶତାଧିକ ଚାଷୀ ହୋଇଥିବା ବେଳେ ଆଜି ଯାଏଁ ଗୋଟିଏ ବି ଶୀତଳ ଭଣ୍ଡାର ନାହିଁ । ଚାଷୀ ଉତ୍ପାଦିତ ପନିପରିବା ସଡ଼ି ଯାଉଛି । ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ପେସିଆଲିଷ୍ଟ ଡାକ୍ତର ପଦବୀ ଖାଲି । ସାମାନ୍ୟ ରୋଗରେ ବି ରୋଗୀଙ୍କୁ ଭୁବନେଶ୍ୱର, କଟକ ରେଫର କରାଯାଉଛି । ଶିଶୁଅ, ଛୁରିଆନା, ଝାଡ଼ଲିଙ୍ଗ ଭଳି ୭ଟି ଗ୍ରାମରେ ଆଜି ବି ପାନୀୟ ଜଳ ପାଇଁ ହାହାକାର । ୧୨ କୋଟିର ମେଗା ଜଳ ପ୍ରକଳ୍ପର ପାଇପ ପଡିଛି, ହେଲେ ପାଣି ନାହିଁ । ସମୁଦ୍ରକୂଳିଆ ଅସ୍ତରଙ୍ଗର ମତ୍ସ୍ୟଜୀବୀଙ୍କ ପାଇଁ 'ଫିସିଂ ହାର୍ବର' କେବଳ ପ୍ରତିଶ୍ରୁତିରେ ସୀମିତ। ନୂତନ ବସଷ୍ଟାଣ୍ଡ ନାହିଁ । ପ୍ରତି ସମସ୍ୟାରେ ପ୍ରଶାସନର ଉତ୍ତର 'ଖୁବଶୀଘ୍ର ହେବ'। ହେଲେ ସେହି 'ଖୁବଶୀଘ୍ର'କୁ ଦୁଇ ବର୍ଷ ବିତିଲାଣି । ଆଗକୁ ପଞ୍ଚାୟତ ନିର୍ବାଚନ। ସ୍ଥାନୀୟ ବାସିନ୍ଦାଙ୍କ ସିଧା ପ୍ରଶ୍ନ ମୌଳିକ ସମସ୍ୟାର ସମାଧାନ ନ ହେଲେ ଆମେ କାହିଁକି ପୁଣି ଭରସା କରିବୁ? ବିରୋଧୀ ଏହାକୁ ପ୍ରସଙ୍ଗ କରିବାକୁ ସଜବାଜ। ଯଦି ସରକାର ତୁରନ୍ତ ଅସ୍ତରଙ୍ଗ ରେ ଶୀତଳ ଭଣ୍ଡାର, ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ପାନୀୟ ଜଳ ଓ ଫିସିଂ ହାର୍ବର କାମରେ ଗତି ନ ଆଣନ୍ତି, ତେବେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏହାର ସିଧା ପ୍ରଭାବ ପଡିବ ବୋଲି ଗ୍ରାମାଞ୍ଚଳ ଥିବା ପୁରୁଖା ରାଜନୈତିକ ବ୍ୟକ୍ତି ବିଶେଷ ମାନେ ମତ ଦେଉଛନ୍ତି ।

ନିମ୍ନମାନର ଓ ଅଧାପନ୍ତରିଆ କଙ୍କ୍ରିଟ ରାସ୍ତା ନିର୍ମାଣ କରି ଅର୍ଥ ହରିଲୁଟ୍

କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ): କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ ପାଟପୁର ଗ୍ରାମର ଡିଅସାହି ଗ୍ରାମରେ ଏକ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତା ମରାମତି କାମ ଅତ୍ୟନ୍ତ ନିମ୍ନ ମାନର ଓ ଅଧାପନ୍ତରିଆ କଂକ୍ରିଟ ରାସ୍ତା ନିର୍ମାଣ କରି ଅର୍ଥ ହରିଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଗ୍ରାମବାସୀ ମାନେ ବିଡ଼ିଓ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ। ପଞ୍ଚଦଶ ଅର୍ଥ କମିଶନ ୨୦୨୫-୨୬ ଅନୁଯାୟୀ ରାସ୍ତା କାମ ଉକ୍ତ ଗ୍ରାମର କୈଳାସ ରାଉତ ଘର ଠାରୁ ନରେନ୍ଦ୍ର ରାଉତ ଘର ପର୍ଯ୍ୟନ୍ତ ଥିବା କଂକ୍ରିଟ ରାସ୍ତାର ମରାମତି ପାଇଁ ଏକ ଲକ୍ଷ ଟଙ୍କା ଉଦ୍ଦିଷ୍ଟ ଥିଲା। କିନ୍ତୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ମିଳିତ ସଲାସୁତୁରାରେ ରାସ୍ତା କାମ ଅଧା କରି ଫାଇନାଲ ବିଲ୍ ନେଇ ଯାଇଛନ୍ତି । ଯାହା ଫଳରେ ଅନିୟମିତତା ଓ ଚଞ୍ଚକତା କରି ନିର୍ବାହୀ ଅଧିକାରୀ ସଦାନନ୍ଦ ବେହେରା ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ରାଜେଶ୍ ରାଉତ ଏହି ଅର୍ଥ ହଡପ କରିଛନ୍ତି । ପୁଣି ସରପଞ୍ଚଙ୍କ ସ୍ୱାମୀ ଏହି କାମ କରିଥିବା ବେଳେ ତାଙ୍କ ନିଜ ଘର ସମ୍ମୁଖରେ କେବଳ କିଛି ବାଟ କମ୍ ଉଚ୍ଚତାର କଂକ୍ରିଟ କରି ଅଧା କାମ କରି ସମ୍ପୂର୍ଣ୍ଣ ବିଲ୍ ଲୁଟି ନେଇଛନ୍ତି। ଏନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ ପରେ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ ମାପଚୁପ କରି ଫେରିଥିଲେ। କମ୍ କାମ ଜାଣିବା ପରେ ସରପଞ୍ଚଙ୍କ ସହଯୋଗୀଙ୍କ ଦ୍ୱାରା ଶନିବାର ବାକି କାମ କରିବାକୁ ପ୍ରୟାସ କରୁଥିବା ବେଳେ ଗ୍ରାମବାସୀ ମାନେ କାମ ବନ୍ଦ୍ କରିଥିଲେ। ଚଞ୍ଚକତା କରି ଅର୍ଥ ହରିଲୁଟ ପରେ ଭିଜିଲାନସ୍ ତଦନ୍ତ ଭୟରେ କାମ କରୁଥିବାରୁ ଗ୍ରାମବାସୀ ମାନେ କରାଇ ଦେଇ ନଥିଲେ। ଏନେଇ ଗ୍ରାମବାସୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ କାକଟପୁର ବିଡିଓ, ଜିଲ୍ଲାପାଳ, ଭିଜିଲାନ୍ସ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

ସ୍ୱାଭିମାନୀ ଓଡ଼ିଆଣୀର ରଜ ଉତ୍ସବ

ରଜସୁନ୍ଦରୀ, ଶଙ୍ଖଫୁଙ୍କା, ହୁଳହୁଳି, ପୁଚି, ମ୍ୟୁଜିକାଲ ଚେୟାର ବିଜୟୀ ପ୍ରତିଯୋଗୀ ପୁରସ୍କୃତ

ରାଉରକେଲା(ଅମୃତ ମିଡିଆ): ସ୍ୱାଭିମାନୀ ଓଡ଼ିଆଣୀର ତୃତୀୟ ରଜ ଉତ୍ସବ ରାଉରକେଲା କ୍ଲବ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ମାନସୀ ଦାସ ମହାପାତ୍ରଙ୍କ ସଭାପତିତ୍ୱ ଓ ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଉପସଭାପତି ପ୍ରଭାତୀ ମିଶ୍ର ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ସୌଦାମିନୀ ସିଂ, ବିଜୟିନୀ ଜେନା, ରଶ୍ମି ସାହୁ, ପ୍ରଗତି ଅଗ୍ରୱାଲ, ସାରିକା କୁମାର, ପୁନମ ରାଓ ପ୍ରମୁଖ ଯୋଗଦେଇ ମହିଳାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ଅନୁଷ୍ଠାନର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ କରୁଥିବା କାର୍ଯ୍ୟକ୍ରମ ପ୍ରଶଂସା କରିଥିଲେ । ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ରଜସୁନ୍ଦରୀ, ଶଙ୍ଖ ଫୁଙ୍କା, ହୁଳହୁଳି, ପୁଚି, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରସାଦ ଜୁଏଲାରୀ ପ୍ରଦତ୍ତ ଉପହାର ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ଅତିଥି ଓ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପୋଡ଼ପିଠା, ରଜପାନ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପ୍ରାରମ୍ଭରେ ସ୍ୱାଭିମାନୀ ଓଡ଼ିଆଣୀର ମୁଖ୍ୟ ଶ୍ରୀମତୀ ଦାସ ମହାପାତ୍ର ସ୍ୱାଗତ ଭାଷଣ ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସ୍ମିତା ମିଶ୍ର ଓ ମୁଖ୍ୟ ଅତିଥି ଶ୍ରୀମତୀ ମିଶ୍ର ସୁମଧୁର ସଂଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁପ୍ରଭା ମହାପାତ୍ର, ମନୋରମା ପାତ୍ର, ତୃପ୍ତି ସାହୁ, ଦିପ୍ତୀ ପ୍ରଧାନ, ଆର୍ଯ୍ୟଶ୍ରୀ ଦିପମାଳା, ପ୍ରିୟଙ୍କା ବିଶ୍ୱାଳ, ଅମ୍ରିତା ପରିଡା, ଇନ୍ଦିରା ମିଶ୍ର, ରଶ୍ମିତା ସାହୁ, ରଶ୍ମି ସାହୁ, ପ୍ରିୟଙ୍କା ବିଶୋଇ, ସନ୍ଧ୍ୟା ଦାସ, ଝରଣା, ଶୁଭଦୀପା, ମନିଦୀପା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୁପ୍ରଭା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।